## ଘରଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର

# ପାରିବାରିକ କଳହରୁ ହତ୍ୟା ସନ୍ଦେହ

**ଚନ୍ଦ୍ରଶେଖରପୁର, ୧୬।୯/ଏନ୍‌ଏନ୍‌ଏସ୍‌:** ମଙ୍ଗଳବାର ଚନ୍ଦ୍ରଶେଖରପୁର ପୁଲିସ ଜଣେ ଯୁବକଙ୍କ ମୃତଦେହ ଶୋଇଥିବା ଅବସ୍ଥାରେ ଘରୁ ଉଦ୍ଧାର କରିଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ ଯୁବକଙ୍କର ଦୀର୍ଘଦିନ ହେବ ନିଜ ସ୍ତ୍ରୀଙ୍କ ସହ ମତାନ୍ତର ଘଟିଥିଲା । କୌଣସି ସମାଧାନ ହୋଇପାରୁନଥିଲା । ଯାହାକୁ ନେଇ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କୀୟ ଲୋକ ରାତ୍ର ସମୟରେ ତାଙ୍କୁ ସୁଚିନ୍ତିତ ଭାବେ ହତ୍ୟା କରିଛନ୍ତି ବୋଲି ଯୁବକଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ନୟାଗଡ଼ ଜିଲ୍ଲା ବଧୂସାହି ଅଞ୍ଚଳର କାଳୁଚରଣ ବେହେରା ନାମକ ଜଣେ ଯୁବକ ଦୀର୍ଘ ବର୍ଷ ହେବ ନିଜ ସ୍ତ୍ରୀ ରୁନୁ ବେହେରାଙ୍କୁ ନେଇ ସାଲିଆସାହିରେ ରହୁଥିଲେ । କାଳୁଙ୍କ ସ୍ତ୍ରୀ ସେଠାରେ ରହୁଥିବା ବେଳେ କିଛି ଲୋକଙ୍କଠାରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଉଦ୍ଧାର ନେଇ ସେଠାରୁ ପଳାଇ ଆସି ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଥରଗଡ଼ିଆ ବସ୍ତିରେ ରହୁଥିଲେ । ଏପରିକି ସେ ଏହି ଅଞ୍ଚଳରେ ଥିବା ଏକ ବିସ୍କୁଟ ଫ୍ୟାକ୍ଟ୍ରିରେ କାର୍ଯ୍ୟ କରୁଥିଲେ । ଯାହାକୁ କାଳୁ ବିରୋଧ କରୁଥିଲେ । ଏପରିକି ତାଙ୍କ ସ୍ତ୍ରୀଙ୍କର ଉକ୍ତ ବିସ୍କୁଟ ଫ୍ୟାକ୍ଟ୍ରିରେ କୌଣସି ଯୁବକଙ୍କ ସହ ପରକୀୟା ପ୍ରୀତି ଅଛି ବୋଲି ସନ୍ଦେହ କରିଥିଲେ । ଯାହାକୁ ନେଇ ସୋମବାର କାଳୁ କିଛି ନାରୀ ସୁରକ୍ଷା କର୍ମୀଙ୍କୁ ଧରି ତାଙ୍କ ସ୍ତ୍ରୀଙ୍କୁ ଡାକି ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ । ଏପରିକି ନିଜେ ରହୁଥିବା ସ୍ଥାନକୁ ଡାକିଥିଲେ । କିନ୍ତୁ ତାଙ୍କ ସ୍ତ୍ରୀ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଘଟଣା ସ୍ଥଳରୁ ପଳାଇ ଯାଇଥିଲେ । ମଙ୍ଗଳବାର ସକାଳେ କାଳୁଙ୍କର ଅରବିନ୍ଦ ନଗରରେ ଥିବା ନିଜ ଭଡ଼ାଘରେ ଶୋଇଥିବା ଅବସ୍ଥାରେ ମୃତ୍ୟୁ ହୋଇଥିବା କିଛି ଛୋଟପିଲା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ । ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି । କାଳୁଙ୍କ ମୃତଦେହ ବିଛଣାରେ ପଡ଼ିଥିବା ବେଳେ ତାଙ୍କୁ ତାଙ୍କ ସ୍ତ୍ରୀ ଓ ସ୍ତ୍ରୀର ସମ୍ପର୍କୀୟମାନେ ସଙ୍ଘବଦ୍ଧ ଭାବେ ହତ୍ୟା କରିଛନ୍ତି ବୋଲି କାଳୁଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ କହିଛନ୍ତି ।

# ୧୮ରେ ନୀଳାଚଳ ଇସ୍ପାତ ନିଗମ କର୍ମଚାରୀଙ୍କ ଆନ୍ଦୋଳନ

**ଭୁବନେଶ୍ୱର, ୧୫।୯/ଏନ୍‌ଏନ୍‌ଏସ୍‌:** ନୀଳାଚଳ ଇସ୍ପାତ ନିଗମକୁ ଜାଣିଶୁଣି କ୍ଷତି ଦେଖାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବଳ କରି ଘରୋଇକରଣ କରିବାକୁ ପୂରା ଦମ୍‌ରେ ଲାଗିଥିବାବେଳେ ୫ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ୬ ମାସରୁ ଊର୍ଦ୍ଧ୍ୱ ସେମାନଙ୍କର ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏପରିକି କରୋନା ମହାମାରୀ ସମୟରେ ସେମାନଙ୍କ ପରିବାର ଭୋକରେ ଆଉଟୁପାଉଟୁ ହେଉଛନ୍ତି । ବାରମ୍ବାର ଅନେକ ଆନ୍ଦୋଳନ, କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ର ଦିଆଯାଇଥିଲେ ମଧ୍ୟ ସେମାନଙ୍କର ଦରମା ମିଳୁନି । ଫଳରେ ଆସନ୍ତା ୧୮ ତାରିଖରେ କର୍ମଚାରୀମାନେ ତାଙ୍କର ଆନ୍ଦୋଳନ ପୁଣିଥରେ କରିବେ ଓ ଏପରି ଆନ୍ଦୋଳନକୁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍‌, ସିଆଇଟିୟୁ, ଏଆଇସିସିଟିୟୁ, ଏଆଇୟୁଟିୟୁସି ସମର୍ଥନ କରିବାକୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।